# ଅବ୍ୟାପାର

ଶ୍ରୀ ହରେକୃଷ୍ଣ ମହତାବ

Digitized by srujanika@gmail.com

ପ୍ରକାଶକ

ଷ୍ଟୁଡେଣ୍ଟସ୍ ଷ୍ଟୋର

ଭୁକ୍ତପୁର, କଟକ

—ପ୍ରଥମ ପ୍ରକାଶ ଏକହଜାର—

୧୯୫୭

ମୂଲ୍ୟ ଏକଟଙ୍କା ବାରଅଣା ମାତ୍ର ।

Digitized by srujanika@gmail.com

ସଞ୍ଜ ହୋଇ ଗଲାଣି । ଜହ୍ନ ତରାସି ଆସୁଛି । ସମୁଦ୍ର ଲହଡ଼ି ଅସମ୍ଭାଳ ହୋଇ, ଏତେ କୂଳ ଡେଇଁ ଗଲ୍‌ଭଳ ହେଉଛି । କୂଳରେ ବୁଲୁଥିବା ଲୋକମାନଙ୍କ ଭିତରୁ ଯେଉଁମାନେ କଥାବାର୍ତ୍ତାରେ ବା ନିଜ ଚିନ୍ତାରେ ନିମଗ୍ନ ହୋଇ ସମୁଦ୍ରର ପ୍ରେମୋଲ୍ଲାସକୁ ଲକ୍ଷ୍ୟ କରୁ ନାହାନ୍ତି, ସେମାନଙ୍କୁ ଗର୍ବୀ ଅଥବା ଗମାର ଭାବି ତାଙ୍କ ଉପରକୁ ଲହଡ଼ି ମାଡ଼ିଯାଉଛି । ଯୋତା, ଲୁଗାପଟା ଭିଜିଯାଇ ସେମାନେ ହାଉଳି ଖାଇ ଉପରକୁ ପଳାଉଛନ୍ତି ଓ ବାଧ୍ୟ ହୋଇ ଥରେ ତରଙ୍ଗର ଲୀଳା ଆଡ଼କୁ ଆଖି ପକାଉଛନ୍ତି ।

କୁମୁଦିନୀ ଓ ଲଳିତମୋହନ ନିଜ ଭିତରେ କଥାବାର୍ତ୍ତାରେ ଏପରି ତଦ୍‌ଗତ ଯେ ଥରେ ନୁହେଁ, ଦୁଇଥର ନୁହେଁ, କେଜାଣି କେତେଥର ତାଙ୍କର ଦୃଷ୍ଟି ନିଜ ପ୍ରତି ଆକର୍ଷଣ କରିବାପାଇଁ ଲହଡ଼ି ଚେଷ୍ଟା କଲାଣି । ମାତ୍ର ସେଥିରେ ବ୍ୟର୍ଥ ହୋଇ ଶେଷରେ ସେମାନଙ୍କୁ ବୁଡ଼ାଇ ଦେବ ବୋଲି ଭାବି ଅଣ୍ଟା ପର୍ଯ୍ୟନ୍ତ ଉଠିଗଲା । ଏଥର ସେ ଦୁଇଜଣ ଚମକିପଡ଼ି ହାତ ଧରାଧରି ହୋଇ ଉପରକୁ ପଳାଇଲେ ଓ ନିଜର ଓଦା ଲୁଗାପଟାକୁ ସାଉଁଟିବାରେ ଲାଗିଲେ । ଲଳିତମୋହନ ଲୁଗାକୁ ଚିପୁଡ଼ି ଚିପୁଡ଼ି କହିଲେ—'ସମୁଦ୍ର ଭଲ ଥରେ ମାଡ଼ି ଆସନ୍ତା—ଯେତିକି ଆବର୍ଜନା ଏ ଦେହରେ ଅଛି

Digitized by srujanika@gmail.com

ସବୁକୁ ଧୋଇ ପୋଛି ନେଇ ନିଜ ଗର୍ଭରେ ଲୁକାଇ ଦଅନ୍ତା । ପୁଣି ଏକ ନୂତନ ନିର୍ମଳ ସୃଷ୍ଟି ମଣିଷ ଉପଭୋଗ କରନ୍ତା ।’ କୁମୁଦିନୀ ଜାଗି ଉଠି କହିଲା, ‘ସେ କିଏ ନୀଚ ଲୋକ କି, ଯେ ନିଜ ମର୍ଯ୍ୟାଦା ଲଙ୍ଘନ କରିବ ?

ଏକ ବାଲିକୁଦ ଉପରକୁ ଯାଇ ଲାଲମୋହନ କୁମୁଦିନୀର ହାତ ଧରି ଟାଣି ନିଜେ ବସିଲେ ଓ ତାକୁ ବସାଇ ଦେଲେ । ବସିପଡି ପୁଣି ଦୁହେଁ ପୂର୍ବ କଥାବାର୍ତ୍ତା ଚଳାଇଲେ । ଧୀରେ ଧୀରେ ଲାଲମୋହନ ଆରମ୍ଭ କଲେ—“କେଜାଣେ କାହିଁକି ତୁମକୁ ଛାଡି ଯିବାକୁ ମନ ହୁଏ ନାହିଁ । ତୁମେ ପାଖରେ ଥିଲେ ଜୀବନ ପରିପୂର୍ଣ୍ଣ ଜଣା ପଡେ । ଅନ୍ୟଥା ଯେପରି ସବୁ ଅସମ୍ପୂର୍ଣ୍ଣ, କେହି ମରି ବା ହଜିଗଲେ ଯେପରି ଖାଲି ଖାଲି ଜଣାଯାଏ ।” କୁମୁଦିନୀ ଟିକିଏ ସଙ୍କୋଚ ଭାବରେ କହିଲେ, ‘କାହିଁକି ତୁମେ ଏତେ କାମରେ ବ୍ୟସ୍ତ, ଏତେ ଉତ୍ତେଜନା ଭିତରେ ଜୀବନ ବିତାଉଛ—ତଥାପି କାହିଁକି ଆଉ ଜଣକ ସାଙ୍ଗ ଲୋଡୁଛ ?”

ଲାଲମୋହନ—“ସବୁ କାମ, ସବୁ ଉତ୍ତେଜନା ଭିତରେ ସେହି ଶୂନ୍ୟତା ଟିକକ ପ୍ରାଣପଣେ ଚେଷ୍ଟା କରି ନିଜର ପ୍ରତିଷ୍ଠା ଅକ୍ଷୁନ୍ନ ରଖି ଆସୁଛି ।”

କୁମୁଦିନୀ—“ଭଲ କରି ଭାବି ଦେଖ, ସେ କେବଳ ତୁମର ମନର ବିକାର । ଦେଶର ମୁକ୍ତି, ଦରିଦ୍ରଙ୍କ ସେବା, ଅତ୍ୟାଚାରର ପ୍ରତିରୋଧ— ଏ ସବୁ କାମରେ ଜଣେ ମାତି ରହିଲେ ବିନ୍ଦୁମାତ୍ର ଶୂନ୍ୟତା ଜୀବନରେ ରହିବ ନାହିଁ । ଯଦି ରହେ ତେବେ ଜଣାଯିବ ଯେ ତାର ସମସ୍ତ ପ୍ରାଣ ସେ ସବୁ କାମରେ ଲାଗି ନାହିଁ ।”

ଏ କଥାରେ ଲାଲମୋହନଙ୍କ ମନରେ ଟିକିଏ ଆଘାତ ଲାଗିଲା ପରି ହେଲା । ସେ ଟିକିଏ ଗମ୍ଭୀର ହୋଇଯାଇ କହିଲେ, “କୁମୁଦିନୀ ! ମୋ ନିଜ କଥା ମୁଁ କହିବି କଅଣ ? ମୁଁ ଯେତେବେଳେ ଦେଶ କାମରେ ଯୋଗ ଦିଏ, ସେତେବେଳେ ମୋତେ କମ ଭାବିବାକୁ ହୋଇ ନାହିଁ କେତେ ଆଶାର ମୂଳ କାଟି କରି, ମୁଁ ନିଜ ବଗିଚା ନିଜେ ଉଜାଡି

ହୋଇଛି । ଅର୍ଥ ଉପାର୍ଜନ ଓ ସୁଖର ଜୀବନ ଯେ ଅତି ଦୂରରେ କାଳକେହିଁ ହିଲ୍ଲଭଳ ଦିଶୁଥିବା ଅସ୍ପଷ୍ଟ ଗଛ ପରି ଆଶା ଭଗବାନଙ୍କୁ ବି ଦେଖାଯାଉଥିଲା ତା ନୁହେଁ, ଫଳନ୍ତି ଗଛ ମୂଳେ ଛିଡା ହୋଇ ହାତ ବଢ଼ାଇଲେହିଁ ଫଳ ଆଗ ଆଗ ହାତକୁ ଆସିଯାନ୍ତା, ଓ ଖାଇବାହିଁ ଯା ପରିଶ୍ରମ—ଏହି ଅବସ୍ଥାରେ ମୁଁ ସେ ଗଛ ଛାଡି ଦେଇଛି । ଗୃହଆଡେ ନିରାହାରଙ୍କ ହା ହା କାର—ଓ ହା ହା କାରରେ ସାନ୍ତ୍ୱନା ମିଳୁଛି, ଅନ୍ୟ ବାଟରେ ଅଭ୍ୟସ୍ତ ହେବାପାଇଁ ଉପଦେଶ । ଏହା ମୁଁ ସହ୍ୟ କରି ପାରିଲି ନାହିଁ । ଭାବିଲି ଏ ଜୀବନ ସେହି ବୁଭୁକ୍ଷିତଙ୍କରହିଁ ସେବାରେ ଲାଗୁ—ଦଶବର୍ଷକାଳ ମୁଁ ସେଥିରେ ଲାଗିଛି । ଅନଶନ ଓ ଉନ୍ନିଦ୍ର ରାତି ଆପେ ଆପେ ଆସି ମୋର ସହଚର ହୋଇଛନ୍ତି । ଅଧିକାରୀର ବିରୋଧରେ ଲାଗି କେତେ ପ୍ରକାର ଅପମାନ ମୋ ଭାଗ୍ୟରେ ଘଟିଛି ତାର ହିସାବ ନାହିଁ । ଥରେ ଦୁଃଖର ଜୀବନକୁ ମୁଁ ବିପଦାପନ୍ନ ମଧ୍ୟ କରିଛି...।”

କୁମୁଦିନୀ—“ବର୍ତ୍ତମାନ କଣ ସେ ସବୁ କାମ ସରିଗଲାଣି ? ବର୍ତ୍ତମାନ କଣ ଦେଶରେ ଆଉ କିଛି ନାହିଁ ? ଅତ୍ୟାଚାର ପୂରାପୂରି ଲୋପ ପାଇ ଯାଇଛି ?”

ଲାଲମୋହନ—“ସେ କାମର ତ ଆରମ୍ଭ ସୁଦ୍ଧା ହୋଇ ନାହିଁ । କିନ୍ତୁ ମୋ ପକ୍ଷରେ ମୁଁ ଏ ସବୁ କାମରେ ଜୀବନକୁ ଢାଳି ଦେଇ ମଧ୍ୟ କେଜାଣେ କାହିଁକି ମୋ ମନ ଡାକୁଛି ନାହାର ଜଣକ ସହିତ ଏହିପରି ନିଭୃତ ଆଳାପ କରନ୍ତି—କାହାରିଠାରେ ମନକୁ ଚିନ୍ତାଶୂନ୍ୟ ଭାବରେ ସମର୍ପି ଦିଅନ୍ତି, ସେହି ଅଭାବ.....ତା ତୁମ୍ଭଙ୍କୁ ପାଇଲେ ଯେପରି ମେଣ୍ଟି ଯାଏ ।”

କୁମୁଦିନୀ—“ବୁଝୁଛି ତୁମର ମନୋଭାବ । ଏ ସମୁଦ୍ର ଲହରୀର ଘୁ ଘୁ ଗର୍ଜନ ଭିତରେ ପଦେ ଅଧେ ମଧୁର ସଙ୍ଗୀତ ଶୁଣିବାର ଅଭିଳାଷ କ’ଣ ମୋ ମନରେ ନାହିଁ—ମନୁଷ୍ୟ ମାତ୍ରକେ ସମସ୍ତଙ୍କର ସେ ଆକାଂକ୍ଷା ଅଛି !

Digitized by srujanika@gmail.com

କିନ୍ତୁ ସେ ସଙ୍ଗୀତର ଅଭାବରେ ମନକୁ ମାରି ଦେଇ ଏହି [illegible] ଭିତରେହିଁ ସରସତା ଖୋଜିବାକୁ ହେବ ।”

ଲାଲମୋହନ କୁମୁଦିନୀର ହାତ ଧରି ହଲାଇ କହିଲେ, “ସତ କହ କୁମୁଦିନୀ, ମୋର ପ୍ରାଣ ତୁମ ପାଇଁ ଯେପରି ବ୍ୟାକୁଳ, ମୋ ପାଇଁ ସେହିପରି ତୁମର ହୁଏ କି ନା—ସତ କହ—ତୁମେ ଯଦି ନ କର ସେଥିରେ ମଧ୍ୟ ମୋର ଦୁଃଖ ନାହିଁ । କାରଣ କୌଣସି ପ୍ରତିଦାନର ଆଶା ନ ରଖି ତୁମକୁ ମୋ ହୃଦୟ ଦାନ କରି ଯଥେଷ୍ଟ ଆନନ୍ଦ ପାଉଛି ।”

କୁମୁଦିନୀ ତଳକୁ ମୁହଁ କରି ବାଲି ଉପରେ ଅଙ୍ଗୁଳିରେ ଗାର କାଟିବାକୁ ଲାଗିଲା—ମୁରୁକି ମୁରୁକି ହସୁଥାଏ—ମାତ୍ର ଆଖି ସଙ୍କୋଚରେ ବନ୍ଦ ହୋଇ ଯାଉଥାଏ । କିଛି ଉତ୍ତର ନ ମିଳିବାରୁ ଲାଲମୋହନ ହାତ ବଢ଼ାଇ କୁମୁଦିନୀକୁ ପାଖକୁ ନେଇ ଆବେଗଭରେ ପଚାରିଲେ— “ସତ କହ, ମୁଁ କିଛି ମନେ କରିବି ନାହିଁ ।” କୁମୁଦିନୀ ସେହିପରି [illegible] ଅନାଇ ଅସ୍ପଷ୍ଟ ଭାବରେ କହିଲେ “ଭାଷାରୁ ତା ହୃଦୟ ଜାଣିବାର କଅଣ ଆଉ କିଛି ଉପାୟ ନାହିଁ ।” ଲାଲମୋହନ ବ୍ୟଗ୍ର ହୋଇ କହିଲେ, “ଭାଷାହିଁ ହୃଦୟକୁ ନିର୍ଦ୍ଦିଷ୍ଟ ଆକାର ଦିଏ ।”

ହସି ହସି କୁମୁଦିନୀ କହିଲେ, “ଭାଷା ପରା ହୃଦୟକୁ ଲୁଚାଇବା ପାଇଁ, ପ୍ରତାରଣା ପାଇଁ ସିନା ଭାଷାର ଦରକାର ।” ଲାଲମୋହନ ସେହିପରି ଜିଦ୍ କରି କହିଲେ, “ନା ଏ କ୍ଷେତ୍ରରେ ତା ନୁହେଁ—ଥରେ ତୁମ ନିଜ ମୁହଁରୁ ଶୁଣିବାକୁ ଚାହେଁ ।” କୁମୁଦିନୀ ସିଧା ହୋଇ ବସି ଟିକିଏ ଲାଲମୋହନଙ୍କଠାରୁ ଘୁଞ୍ଚି ଗଲା । ଗମ୍ଭୀର ହୋଇ କହିଲା, “ମୋର ଜୀବନର କାହାଣୀ ମୁଁ ତୁମକୁ କହି ନାହିଁ”—କେବେ କାହାଠାରେ କହିବି କି ଏ ଜୀବନରେ ତାହା କେବେ ଘଟିବ ନାହିଁ—ତାହା ସୁଦ୍ଧା ମୁଁ ଜାଣେ ନାହିଁ । ତେଣୁ ମୁଁ ଯେତେବେଳେ ତୁମର ପ୍ରଶ୍ନର ଉତ୍ତର କରିବାକୁ ବସୁଛି—କେତେ ଲହରୀ ଯେ ଏ ଛାତିରେ ଆଘାତ କରୁଛି

Digitized by srujanika@gmail.com

ତାହା ତୁମେ ବୁଝିପାରିବ ନାହିଁ ।" ଏତିକି କହି ସେ ନୀରବ ହୋଇଗଲା । ଲାଲମୋହନ ତା ମୁହଁକୁ ନିଠେଇକି ଅନାଇ ତାର ମନୋଭାବ ବୁଝିବା ପାଇଁ ଚେଷ୍ଟା କରୁଥାନ୍ତି । କଅଣ ସେ ବୁଝିଲେ କେଜାଣେ, ସେ ପୁଣି ଜିଦ୍ କରି ପଚାରିଲେ "କଅଣ କହିବ ନାହିଁ ?" କୁମୁଦିନୀ ଆଡେଇକି ଲାଲମୋହନକୁ ଅନାଇ ପୁଣି ମୁହଁ ବୁଲେଇ ଦେଇ କହିଲେ, "ତୁମ ସାଙ୍ଗରେ ଆଳାପ କଲେ ବାସ୍ତବିକ ଜୀବନର ଅନେକ ଚିନ୍ତା ଭୁଲିଯାଏ—" ଏହା କହି ଦୀର୍ଘ ନିଶ୍ୱାସ ପକାଇଲେ । ଲାଲମୋହନ ନିକଟକୁ ଘୁଞ୍ଚି ଯାଇ ତା ହସ୍ତ ଆଉଁସିବାକୁ ଲାଗିଲେ । ଭାବିଲେ ବୋଧହୁଏ ତାଙ୍କର କୌଣସି ପୂର୍ବ ଘଟଣା ମନେ ପଡ଼ୁଛି । କୋମଳ-ଭାବରେ ଧୀରେ ଧୀରେ କହିଲେ, "ସ୍ମୃତି ହିଁ ମନୁଷ୍ୟର ପ୍ରଧାନ ଶତ୍ରୁ । ବର୍ଷା ପଡ଼ିଗଲା ବା ସଫା ଆକାଶରେ ଖଣ୍ଡେ ଖଣ୍ଡେ ବାଦଲ ଚାଲିଗଲା ପରି, ତାର ଦରଆରେ ଅତୀତ ଆସି ବଳେ ବଳେ ଉଙ୍କି ମାରି ବର୍ତ୍ତମାନ ସୁଖରେ ବାଧା ଦିଏ—ଭୁଲିଯାଅ ଅତୀତକୁ । ବର୍ତ୍ତମାନକୁ ଉପଭୋଗ କର, ଭବିଷ୍ୟତ ତ ସମୁଦ୍ର ପରି ଆଗରେ ପଡ଼ିଛି ।" କୁମୁଦିନୀ ହସି ହସି କହିଲା, "ତୁମେ ତ ମୋତେ ପ୍ରଥମେ ହିନ୍ଦୁସ୍ତାନୀ ବାଳିକା ବୋଲି ଜାଣିଥିଲ ।"

ଲାଲମୋହନ—"ତୁମେ ସେହିପରି ପରିଷ୍କାର ଭାବେ ଉର୍ଦ୍ଦୁ କହୁଥିଲ ।"

କୁମୁଦିନୀ—"ପୁଣି ଯେତେବେଳେ ଓଡ଼ିଆଣୀ ବୋଲି ଜାଣିଲ, ତୁମର କୁତୂହଳ ଏତେ ସହଜରେ ଶାନ୍ତ କିପରି ହୋଇଗଲା ।"

ଲାଲମୋହନ—"ଯେତିକି ତୁମ ସମ୍ବନ୍ଧେ ଜାଣିଲି ସେହିଥିରେ ମୁଁ ବୋଧ ହୋଇଗଲି । ଆଉ ମୁଁ ବେଶୀ କିଛି ଜାଣିବା ପାଇଁ ଇଚ୍ଛା କଲି ନାହିଁ ।"

କୁମୁଦିନୀ—"ମୋର ସମ୍ବନ୍ଧେ କଣ ଜାଣିଛ ?"

ଲାଲମୋହନ—"କହିବି, ତୁମ ମୁହଁ ଉପରେ କହୁଛି ବୋଲି ନୁହେଁ, ମୋର ବିଶ୍ୱାସ—ଓଡ଼ିଶାରେ ତୁମଭଳି ସ୍ତ୍ରୀ ନାହାନ୍ତି କହିଲେ ଚଳେ । କାହାର ପ୍ରାଣ ଗଢ଼ିବାର ଦୀର୍ଘ ନିଶ୍ୱାସରେ ଏତେ ବିଚଳିତ ହୋଇ

Digitized by srujanika@gmail.com

ଉଠେ ? କିଏ ତା ଜୀବନକୁ ସ୍ୱପ୍ନବର ଘୂର୍ଣ୍ଣିବାୟୁ ଭିତରେ ପକାଇ ଦେବାକୁ ଇଚ୍ଛାକରେ ! ଏହି ଗୁଣ ତୁମର ଅଛି ବୋଲି ମୋର ଆଶା । ତୁମଠି ତାର ପ୍ରତିବିମ୍ବ ଦେଖିବାକୁ ପାଇଲି । ତେଣୁ ପରସ୍ପର ସହିତ ଆହୁରି ମିଶିବା ପାଇଁ ପ୍ରବଳ ବାସନା ଜାଗି ଉଠିଲା ।"

କୁମୁଦିନୀ—"କିନ୍ତୁ ମୋର ପୂର୍ବ ବୃତ୍ତାନ୍ତ ଶୁଣିଲେ ତୁମର ବୋଧହୁଏ ମୋ ପ୍ରତି ଘୃଣା ହେବ ।"

ଲଲମୋହନ—"କେବେହେଁ ନୁହେଁ ! ଯେଉଁ ଦିନ ତୁମକୁ ଘୃଣା କରିବାକୁ ଏମନ ଚାହିଁବ ତା ପୂର୍ବରୁ ସେ ମନକୁ ଧରି ରଖିଥିବା ଏ ଶରୀର ନ ଥିବ ।"

କୁମୁଦିନୀ—"ମୁଁ ଜାଣେ ମୋର ଅତୀତ ଘୃଣ୍ୟ—" ଲଲମୋହନ କୁମୁଦିନୀର ପାଟିରେ ହାତ ଦେଇ କହିଲେ, "ଆଉ, ଆଉ, କହିବାର ପ୍ରୟୋଜନ ନାହିଁ । ଫୁଲଟିକୁ ଦେଖିଲେ ଯା ମନରେ ପ୍ରଶ୍ନ ଉଠେ ଯେ କି ଖତ ସେ ଗଛ ମୂଳରେ ଦିଆ ହୋଇଥିଲା, ଯେଉଁଥିରୁ ଏ ଫୁଲ ଫୁଟିଛି, ସେ ମଣିଷ ନୁହେଁ, ସେ ମାଛଠାରୁ ଆହୁରି ହୀନ ।" କୁମୁଦିନୀ ଲଲମୋହନଙ୍କ ବେକରେ ହାତ ପକାଇ କହିଲେ—"ନାଁ, ନାଁ—ମୋର ଅତୀତ ତୁମେ କଳ୍ପନା କରି ପାରିବ ନାହିଁ ।"

ଲଲ ମୋହନ—"ମୁଁ କଳ୍ପନା କରିବାକୁ ଚାହେଁ ନାହିଁ । ତମେ ଭାବୁଛ ଯେ ଏପରି କହିଲେ ମୁଁ କୁତୁହଳୀ ହୋଇ ତୁମର ଇତିହାସ ଜାଣିବା ପାଇଁ ଇଚ୍ଛା କରିବି ଓ ତେଣିକି ତୁମେ ନାହିଁ କରି ମୋର କୌତୁହଳରେ ବାଧା ଦେଇ ଆନନ୍ଦ ଉପଭୋଗ କରିବ— ମୁଁ ଏ ଫାନ୍ଦରେ ପଡ଼ିବି ନାହିଁ ।"

କୁମୁଦିନୀ ହସି ହସି କହିଲେ, "ମୁଁ ଚାହେଁ ତୁମେ ମୋ ଫାନ୍ଦରେ ନ ପଡ଼— ତୁମେ ଫାନ୍ଦ ଭିତରକୁ ପଶି ଆସୁଛ—ମୁଁ ତୁମକୁ ବାହାର କରିବାକୁ ଚାହେଁ ।"

Digitized by srujanika@gmail.com

ଲାଲ ମୋହନ କୁମୁଦିନୀଙ୍କୁ ପାଖକୁ ଅଉଜାଇ ଦେଇ ହସି ହସି କହିଲେ, "କଥା କହିବାର ଏତେ ଗୁରୁତ୍ୱ—ମୁଁ ହାର ମାନୁଛି ।"

କୁମୁଦିନୀ କହିଲେ, "ଆସିଲ ଏ ଓଦା ଲୁଗା ପିନ୍ଧି—କେତେ ସମୟ ଏଠି ବସିଥିବ ।"

ଲାଲ ମୋହନ ଘଣ୍ଟା ଦେଖିଲେ ଯେ ଆଠଟା ବାଜିବାକୁ ପନ୍ଦର ମିନିଟ ଅଛି । ତର ତର ହୋଇ ଉଠି ପଡ଼ି କହିଲେ, "ବେଳ ହୋଇ ଗଲାଣି —ଚାଲ ଯିବା । ମୋତେ ଆଜ ରାତିରେ ବାଲେଶ୍ୱର ଯିବାକୁ ହେବ ।" କୁମୁଦିନୀ ଛିଡ଼ାହୋଇ 'ପଚାରିଲେ, କାମ ?' ଲାଲମୋହନ ଟିକିଏ ବ୍ୟସ୍ତହୋଇ ପଡ଼ି କହିଲେ "ନୀଳଗିରି ଗଡ଼ଜାତରେ ଜବର ପ୍ରଜା ଆନ୍ଦୋଳନ ଲାଗିଛି— ବର୍ତ୍ତମାନ ସବୁଆଡ଼େ ଗଡ଼ଜାତରେ ପ୍ରଜା ଜାଗି ଉଠୁଛନ୍ତି । ଅମ୍ଭଙ୍କ ଘର ଭିତରେ ପଥର ଜାଲ ଭାଙ୍ଗି ଟିକିଏ ଆଲୁଅ ପଡ଼ୁଅଛି ।" ଏତିକି କହି କୁମୁଦିନୀର ହାତ ଧରି ଯିବାକୁ ଆରମ୍ଭ କଲେ । କୁମୁଦିନୀ ଧୀରେ ଧୀରେ କହିଲେ, "କାଲି ନ ଗଲେ କଣ ଚଳିବ ନାହିଁ ? କି ସୁନ୍ଦର ଆଜିକାଲି ପୁରୀରେ ଏ ସମୁଦ୍ର କୂଳରେ ଚାନ୍ଦିନୀ ରାତି ଉପଭୋଗ ଖୋଜୁଛ, ଅଥଚ ପୁଣି ତାକୁ ଫୋପାଡ଼ି ଦେଉଛ ।" ଲାଲ ମୋହନ ହାତକୁ ଚାପିଧରି ଛିଡ଼ାହୋଇ ଯାଇ କହିଲେ "କୁମୁଦିନୀ, ମୁଁ ଜାଣେ ତୁମେ ମୋ କର୍ତ୍ତବ୍ୟରେ କେବେ ବାଧା ଦେବ ନାହିଁ । ପବନ କହିବ—ଶ୍ରାନ୍ତ କ୍ଲାନ୍ତ ହୋଇ ପଡ଼ି କେତେ ବେଳେ ଫୁଲକୁ ଚୁମ୍ବି ଦେଇଯିବ— ମାତ୍ର ସେ ଫୁଲ ଯୋଗୁଁ ବହିବା ବନ୍ଦ କରି ପାରିବ ନାହିଁ ।" ଏତିକି କହି ଚାଲିଲେ ।

କୁମୁଦିନୀ ହସି କହିଲେ, "ମୁଁ ଜାଣେ ସେ କଥା, କର୍ତ୍ତବ୍ୟରେ ତ୍ରୁଟି କର ନାହିଁ ବୋଲି ମୁଁ ତୁମକୁ ସ୍ନେହ କରେ ।

ଲାଲମୋହନ ଜାଗି ଉଠି ତାଳମାରି କହିଲେ, "ଶେଷରେ ଭଷାରେ ହୃଦୟ ପ୍ରକାଶ ପାଇଲା ତ ?"

Digitized by srujanika@gmail.com

## —୨—

ସହର ପାଖ ହୋଇ ଆସୁଥାଏ ଓ ଲୋକ ଗହଳ ବଢୁଥାଏ । ଲାଲ ମୋହନ ଓ କୁମୁଦିନୀ ନିଜକୁ ସଂଯତ କରି ଶେଷରେ ଦୋଳମଣ୍ଡପ ସାହି ଛକ ଉପରେ ପହଞ୍ଚିବା ବେଳକୁ ଦୁହେଁ ଯେପରି ପରସ୍ପର ଅପରିଚିତ ଦୁଇଜଣ, ଏପରି ହୋଇଗଲେ । ବିବାହିତ ସ୍ତ୍ରୀ ପୁରୁଷ ନିଜ ଘରେ ପ୍ରକାଶ୍ୟ ଭାବରେ ଆମୋଦ ପ୍ରମୋଦ ବା ଘନିଷ୍ଠ ଆଳାପ କଲେ ଯେତେବେଳେ ଲୋକଙ୍କ ଆଖିକୁ ଠେକୁଛି, ସେତେବେଳେ ପ୍ରଚଳିତ ରୀତିକୁ ମାନି ଲାଲ ମୋହନ ଓ କୁମୁଦିନୀ ସଂଯତ ହୋଇ ଯିବାରେ ବିଚିତ୍ର କିଛି ନାହିଁ । ଛକ ଉପରେ ଲାଲ ମୋହନ ଅଳ୍ପ କଥାରେ ବିଦାୟ ନେଲେ—"ମୁଁ ଯାଉଛି, କେବେ ଫେରିବି ଠିକଣା ନାହିଁ-ଚିଠି ଦେବି" —ଏତିକି କହି ଦ୍ରୁତଗତିରେ ହଜାରମଲ୍ଲ ଧର୍ମଶାଳା ଆଡ଼କୁ ଚାଲିଲେ । ଛକଠୁ ଅଳ୍ପ ଦୂରରେ ଉଚପକା ପିଣ୍ଡା ଥିବା ଗୋଟିଏ ଘରକୁ କୁମୁଦିନୀ ଗଲେ । ଏହି ଘରେ ତାଙ୍କର ଅବସ୍ଥାନ । ଘରଟି ଭଡ଼ା ନେଇଛନ୍ତି । ଏପାଖ ସେପାଖ ନାନା ସ୍ଥାନର ଯାତ୍ରୀ ଆସି ଭଡ଼ା ଦେଇ ରହୁଛନ୍ତି ଓ ଯାଉଛନ୍ତି । ମାତ୍ର କୁମୁଦିନୀ ପ୍ରାୟ ଛଅମାସ ହେଲା ଏ ଘରଭଡ଼ା ନେଇଅଛନ୍ତି । ସାଙ୍ଗରେ ଜଣେ ହିନ୍ଦୁସ୍ଥାନୀ ଚାକର ଅଛି । ଆଉ ସେ ଘରେ କେହି ନାହାନ୍ତି । ଆଖ

Digitized by srujanika@gmail.com

ପାଖ-ପଡ଼ୋଶୀଲୋକେ କୁମୁଦନୀଙ୍କୁ ଜାଣନ୍ତି ଯେ ସେ ଜଣେ ପଶ୍ଚିମା ବିଧବା ଓ ନିଜର କର୍ମଦୋଷ ମୋଚନ ପାଇଁ ଶ୍ରୀକ୍ଷେତ୍ରରେ ଆସି ଅଛନ୍ତି । ଏହାପରି ଶହ ଶହ ବିଧବା ପୁରୀରେ ଆସି ଅଛନ୍ତି—କିଏ କାହାର ଖବର ବୁଝୁଛି । ତହିଁରେ ପୁଣି ଜଣେ ପଶ୍ଚିମା ସ୍ତ୍ରୀ ଲୋକ । ଏଣୁ କୁମୁଦନୀ ପ୍ରତି କାହାର ସେପରି ନଜର ନାହିଁ । ପ୍ରଥମେ ଆସି ରହିବା ବେଳେ କେତେକ ପଣ୍ଡା ପଡ଼ିଆରି ମନେ କରିଥିଲେ ଯେ ଏ ପଶ୍ଚିମା ଯାତ୍ରୀଠୁଁ କିଛି ଲାଭ ଉଠାଇବେ । ମାତ୍ର ସେମାନେ ନିଜ ବ୍ୟବସାୟରେ ଏତେ ଧୂର୍ତ୍ତ ଯେ ଯେଉଁ-ବେଳେ ସେମାନେ କୁମୁଦନୀକୁ ଜଣେ ଶିକ୍ଷିତା ରମଣୀ ବୋଲି ଜାଣିଲେ ଓ ଏକଥା ଜାଣିବାକୁ ବେଶୀ ଡେରି ହେଲା ନାହିଁ ସେତେବେଳେ ସେମାନେ ଦୂରେଇ ପଡ଼ିଲେ । ତା ପରେ ଆଉ କେହି ଲକ୍ଷ୍ୟ କରି ନାହାନ୍ତି ଯେ, କୁମୁଦନୀ ଦିନେ ହେଲେ ସୁଦ୍ଧା ମନ୍ଦିରକୁ ଦର୍ଶନ ପାଇଁ ଯାନ୍ତି ନାହିଁ କିମ୍ବା ସକାଳୁ ଗାଧୋଇ 'ମାଳା ଜପ ଇତ୍ୟାଦି କରନ୍ତି ନାହିଁ । ନାମାବଳି ଉପରେ ପକାଇ କୁଆଡ଼େ ବାହାରନ୍ତି ନାହିଁ । 'ମୋଟ କଥା ଜଣେ କେହି ପଶ୍ଚିମା ଯାତ୍ରୀ କୁଆଡ଼ୁ ଆସିଅଛି, ଏତିକି ଛଡ଼ା କୁମୁଦନୀ ସମ୍ବନ୍ଧରେ ଆଉ କେହି କିଛି ଜାଣନ୍ତି ନାହିଁ ବା ଜାଣିବାରେ କାହାର କିଛି ସ୍ପୃହା ନାହିଁ ।

ବାସ୍ତବିକ୍ ଏତେ ପରିଷ୍କାର ଭାବରେ କୁମୁଦନୀ ହିନ୍ଦୀ କହନ୍ତି ଯେ ତାକୁ 'ସହଜରେ ଜଣେ ଓଡ଼ିଆଣୀ ବୋଲି କେହି ଜାଣି ପାରିବ ନାହିଁ । ଏପରିକି ତାଙ୍କର ଯେଉଁ ହିନ୍ଦୁସ୍ଥାନୀ ଚାକର ଅଛି, ସେ ମଧ୍ୟ ତାକୁ ଓଡ଼ିଆଣୀ ବୋଲି ବହୁ ଦିନପରେ ଜାଣିଲା । ଚାଲି ଚଳଣ ସବୁ ହିନ୍ଦୁସ୍ଥାନୀ ଢଙ୍ଗରେ । ବେଶଭୂଷା ମଧ୍ୟ ସେହି ପରି । ବୟସ ୨୪।୨୫ବର୍ଷ ହେବ । ଗୋରା ମୁହଁରେ କୌଣସି ଅଳଙ୍କାର ନ ଥିବାରୁ ତାଙ୍କୁ ବିଧବା ବୋଲି ଭାବିବା ସ୍ୱାଭାବିକ । ମାତ୍ର ତାଙ୍କ ମୁହଁରେ ଏକ ପ୍ରକାର ଗାମ୍ଭୀର୍ଯ୍ୟ ଅଛି ଯାହା ତାଙ୍କ ଯୁବତୀର ମୁଖ ମଣ୍ଡଳରେ ପ୍ରୌଢତ୍ୱର ଛାୟା ପକାଇ ଦେଇଛି ।

Digitized by srujanika@gmail.com